# NATIONAL NEWS BULLETIN (ODIA)

## 1 April - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ମୁମ୍ବାଇଠାରେ ଚାଲିଥିବା ଭାରତୀୟ ରିଜର୍ଭବ୍ୟାଙ୍କର ବାର୍ଷିକ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଆଜି ଯୋଗଦେବେ ରାଷ୍ଟ୍ରପତି
- ବାୟୁ ପ୍ରଦୂଷଣ ହ୍ରାସ କରିବାରେ ବୈଦ୍ୟୁତିକ ଯାନ ହେଉଛି ସର୍ବୋତ୍ତମ ବିକଳ୍ପ ବୋଲି କହିଲେ ସଡ଼କ ଓ ପରିବହନ ମନ୍ତ୍ରୀ
- ଓଡ଼ିଶା ଆଜି ପାଳନ କରୁଛି  ପ୍ରତିଷ୍ଠା ଦିବସ

- ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି

- ଅପରେସନ ବ୍ରହ୍ମା ଅଧୀନରେ ମ୍ୟାଁମାରରେ ପହଞ୍ଚିଲା ଭାରତର ୫୦ଟନ୍ ସହାୟତା ସାମଗ୍ରୀ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସଙ୍କୁ ୮ ୱିକେଟ୍‌ରେ ପରାସ୍ତ କଲା ମୁମ୍ବାଇ ଇଣ୍ଡିଆନ୍ସ

# ଓଡ଼ିଶା ଦିବସ - ଦିଲ୍ଲୀ

ଓଡ଼ିଶା ଆଜି ସ୍ୱତନ୍ତ୍ର ପ୍ରଦେଶ ଗଠନର ୯୦ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ୧୯୩୬ ମସିହା ଆଜିର ଦିନରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠିତ ହୋଇଥିଲା । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ଓଡ଼ିଶା ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ ସରକାର ଏବଂ ରାଜ୍ୟବାସୀ ମିଳିତ ଭାବେ ସମସ୍ତଙ୍କ ପାଇଁ ଉଜ୍ଜ୍ୱଳ ଓ ନ୍ୟାୟୋଚିତ ଭବିଷ୍ୟତ ଲକ୍ଷ୍ୟରେ କାର୍ଯ୍ୟ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି ।

ଉପରାଷ୍ଟ୍ରପତି କହିଛନ୍ତି, ଓଡ଼ିଶାର ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଜାତୀୟ ବିକାଶକୁ  ତ୍ୱରାନ୍ୱିତ କରୁଛି । ମହିଳା ସଶକ୍ତିକରଣ ଏବଂ ଶିଳ୍ପାୟନ କ୍ଷେତ୍ରରେ ଓଡ଼ିଶାର ଯୁଗାନ୍ତକାରୀ ସଫଳତା ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ବୋଲି ସେ କହିଛନ୍ତି । ରାଜ୍ୟପାଳ ଡକ୍ଟର କମ୍ଭମପାଟି' ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ସମୃଦ୍ଧ ଗଠନ ଓଡ଼ିଶାର ଲକ୍ଷ୍ୟ ହାସଲ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମୂଲ୍ୟବାନ

ଅବଦାନ ପ୍ରଦାନ କରିଥିବା ବରପୁତ୍ରମାନଙ୍କ ନୀତି ଓ ଆଦର୍ଶ ସବୁଦିନ ସ୍ମରଣୀୟ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ନୂଆଦିଲ୍ଲୀର ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍‌ରେ ଆଜି ଓଡ଼ିଶା ଦିବସ ସମାରୋହ-୨୦୨୫ ଅନୁଷ୍ଠିତ ହେଉଛି । ଏଥିରେ ରାଜ୍ୟ ପ୍ରତିଷ୍ଠା ଦିବସ ପାଳନ ସହିତ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ମୂଲ୍ୟବାନ ଅବଦାନ ଦେଇଥିବା ବ୍ୟକ୍ତିତ୍ୱମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ । ଏଥିରେ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନ ସ୍ଥାନ ପାଇବ । ନୂଆଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶାର ମୁଖ୍ୟ ଆବାସିକ କମିଶନର୍ ବିଶାଲ୍ ଗଗନ କହିଛନ୍ତି, ଓଡ଼ିଶା ଦିବସ ସମାରୋହ କାର୍ଯ୍ୟକ୍ରମରେ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପରମ୍ପରା ପ୍ରଦର୍ଶନ କରାଯିବ । ୨ ହଜାରରୁ ଅଧିକ ଲୋକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଏଥିରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ କେନ୍ଦ୍ରମନ୍ତ୍ରୀଗଣ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ହସ୍ତଶିଳ୍ପ ମେଳାର ଆୟୋଜନ ହୋଇଛି ବୋଲି ଶ୍ରୀ ଗଗନ କହିଛନ୍ତି ।

# ଆରବିଆଇ

ମୁମ୍ବାଇଠାରେ ଚାଲିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କର ୯୦ତମ ବାର୍ଷିକ ସମ୍ମିଳନୀର ଆଜି ଉଦ୍‌ଯାପନୀ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ । ଏଥିରେ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ୍ ପ୍ରମୁଖ ଉପସ୍ଥିତ ରହିବେ ।

ରିଜର୍ଭବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ସ୍ୱାଗତ ଭାଷଣ ପ୍ରଦାନ କରିବେ । ଦୁଇଦିନିଆ ଗସ୍ତ ଅବସରରେ ରାଷ୍ଟ୍ରପତି  ଗତ ସନ୍ଧ୍ୟାରେ ମୁମ୍ବାଇଠାରେ ପହଞ୍ଚିଛନ୍ତି । ବିମାନ ବନ୍ଦରରେ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଧେ ପ୍ରମୁଖ ତାଙ୍କୁ ସ୍ୱାଗତ କରିଛନ୍ତି ।

## ଚିଲି ପ୍ରେଜ୍ ଭିଜିଟ୍

ଚିଲି ରାଷ୍ଟ୍ରପତି ଗାବ୍ରିଏଲ୍ ବୋରିକ୍ ଫଣ୍ଟ୍ ଆଜିଠାରୁ ୫ ଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ତାଙ୍କ ସହ ସେଠାକାର ମନ୍ତ୍ରିପରିଷଦର ସଦସ୍ୟ, ସାଂସଦ, ବ୍ୟବସାୟିକ ଗୋଷ୍ଠୀର ପ୍ରତିନିଧି ଏବଂ ଭାରତ-ଚିଲି ସାଂସ୍କୃତିକ ସଂପର୍କ ପରିଷଦର ପ୍ରମୁଖ କର୍ମକର୍ତ୍ତା ଏହି ଗସ୍ତରେ ଆସୁଛନ୍ତି । ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ଫଣ୍ଟ୍ଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଶ୍ରୀ ଫଣ୍ଟ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ଆଲୋଚନା କରିବେ । ତାଙ୍କ ସମ୍ମାନାର୍ଥେ ଆୟୋଜିତ ଭୋଜିସଭାରେ ସେ ରାଷ୍ଟ୍ରପତି ଦ୍ରୌପଦୀମୁର୍ମୁଙ୍କ ସହ ମଧ୍ୟ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଶ୍ରୀ ଫଣ୍ଟ୍ ଆଗ୍ରା, ମୁମ୍ବାଇ ଏବଂ ବେଙ୍ଗାଲୁରୁ ଗସ୍ତ କରିବେ । ମୁମ୍ବାଇ ଓ ବେଙ୍ଗାଲୁରୁଠାରେ ବ୍ୟବସାୟ ଏବଂ

ଶିଳ୍ପ ପ୍ରତିନିଧି, ଷ୍ଟାର୍ଟଅପ୍ ଉଦ୍ୟୋଗର ମୁଖ୍ୟ, ଉଦ୍‌ଭାବକ ଏବଂ ବୈଷୟିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ବ୍ୟାପକ କରିବା ଏବଂ ପାରସ୍ପରିକ ସ୍ୱାର୍ଥସଂପନ୍ନ ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ଆଲୋଚନା କରିବା ରାଷ୍ଟ୍ରପତି ଫଣ୍ଟ୍‌ଙ୍କର ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ଲାଟିନ୍ ଆମେରିକୀୟ ଅଞ୍ଚଳରେ ଚିଲି ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ରାଷ୍ଟ୍ର । ୟୁଏନ୍‌ଏସ୍‌ସି ସଂସ୍କାର, ଜଳବାୟୁ ପରିବର୍ତ୍ତନ, ଅକ୍ଷୟଶକ୍ତି, ଆତଙ୍କବାଦ ମୁକାବିଲା ଆଦି ବିଭିନ୍ନ ପ୍ରସଙ୍ଗରେ ଦୁଇଦେଶର ସମାନ ମତ ରହିଥିବା ଜଣାପଡ଼ିଛି । ୨୦୨୪ରେ ଭାରତ ଓ ଚିଲି ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୨ ଦଶମିକ ୬ ବିଲିୟନ ଆମେରିକୀୟ ଡଲାର ଥିଲା । ଚିଲିରେ ଭାରତୀୟ ନିବେଶ ପରିମାଣ ପ୍ରାୟ ୬୨୦ ନିୟୁତ ଆମେରିକୀୟ ଡଲାର ହୋଇଛି । ଚିଲିକୁ ଔଷଧୀୟ ସାମଗ୍ରୀ ରପ୍ତାନୀ କରିବାରେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ରାଷ୍ଟ୍ରର ମାନ୍ୟତା ହାସଲ କରିଛି ।

## ନୀତିନ ଗଡ଼କରୀ

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ବାୟୁ ପ୍ରଦୂଷଣ ହ୍ରାସ କରିବାରେ ବୈଦ୍ୟୁତିକ ଯାନ ହେଉଛି ସର୍ବୋତ୍ତମ ବିକଳ୍ପ । ମହାରାଷ୍ଟ୍ରର ଥାଣେଠାରେ ଗତକାଲି ଏକ ଇ-ସାଇକେଲ୍ ପ୍ରକଳ୍ପର ଶୁଭାରମ୍ଭ କରିବା ଅବସରରେ ମନ୍ତ୍ରୀ ଶ୍ରୀ ଗଡ଼କରୀ ଏହା କହିଛନ୍ତି । ସେ

କହିଛନ୍ତି, ବାୟୁ ପ୍ରଦୂଷଣ ବର୍ତ୍ତମାନ ସମୟରେ ଏକ ବଡ଼ ଆହ୍ୱାନ ଏବଂ କେନ୍ଦ୍ର ସରକାର ଏହାର ମୁକାବିଲା ଦିଗରେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ୨୦୩୦ ସୁଦ୍ଧା ବୈଦ୍ୟୁତିକ ଯାନ ଉତ୍ପାଦନରେ ଭାରତ ସବୁଠାରୁ ଆଗରେ ରହିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଆଗାମୀ ଦିନରେ ପେଟ୍ରୋଲ, ଡିଜେଲ ଏବଂ ବୈଦ୍ୟୁତିକ ଯାନର ମୂଲ୍ୟ ସମାନ ରହିବ ବୋଲି ସେ କହିଛନ୍ତି ।

# ରିଜିଜୁ

ୱାକଫ ସଂଶୋଧନ ବିଲ୍ ସଂସଦରେ ଆଗତ ହେବା ସମୟରେ ଆଲୋଚନାରେ ଅଂଶ ଗ୍ରହଣ କରିବାକୁ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଦଳମତ ନିର୍ବିଶେଷରେ ସଂସଦର ସମସ୍ତ ସଦସ୍ୟଙ୍କୁ ଅନୁରୋଧ କରିଛନ୍ତି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ରିଜିଜୁ କହିଛନ୍ତି ଯୁଗ୍ମ ସଂସଦୀୟ କମିଟି ଏହା ଉପରେ ବହୁ ତର୍ଜମା ଏବଂ ମତାମତ ଆଧାରରେ ସଂଶୋଧନ ପ୍ରସ୍ତାବ ଗୁଡ଼ିକ ସୁପାରିଶ କରିଛି । ରାଜନୈତିକ ଦଳଗୁଡ଼ିକର ସାଂସଦ ଏହି ବିଲ୍ ପ୍ରସ୍ତାବ ଆଲୋଚନାରେ ବିସ୍ତୃତ ଭାବେ ନିଜର ମତ ଉପସ୍ଥାପନ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।  ଏହି ବିଲ୍ ଉପରେ ମିଥ୍ୟା ପ୍ରଚାରଠାରୁ ଦୂରେଇ ରହିବାକୁ ଜନସାଧାରଣଙ୍କୁ ସେ ପରାମର୍ଶ ଦେଇଛନ୍ତି । ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ଏଭଳି ଉଦ୍ୟମ କରାଯାଉଛି ବୋଲି ସେ କହିଛନ୍ତି । **V/O**

# ମ୍ୟାଁମାର-ସହାୟତା

ଅପରେସନ ବ୍ରହ୍ମା ଅଧୀନରେ ମ୍ୟାଁମାରର ୟାଙ୍ଗୁନ୍‌ଠାରେ ଗତକାଲି ଭାରତ ପକ୍ଷରୁ ପଠାଯାଇଥିବା ୫୦ଟନ୍ ମାନବିକ ସହାୟତା ଓ ବିପର୍ଯ୍ୟୟ ରିଲିଫ୍ ସାମଗ୍ରୀକୁ ହସ୍ତାନ୍ତର କରାଯାଇଛି । ମ୍ୟାଁମାର ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଅଭୟ ଠାକୁର  ଆଇଏନଏସ ଶତପୁରା ଏବଂ ଆଇଏନଏସ୍ ସାବିତ୍ରୀ ଦ୍ୱାରା ପଠାଯାଇଥିବା ଏହି ସମାଗ୍ରୀକୁ ହସ୍ତାନ୍ତର କରିଛନ୍ତି । ୟାଙ୍ଗୁନସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଭାରତୀୟ ବାୟୁସେନାର ୬ଟି ବିମାନ ଏବଂ ୫ଟି ଭାରତୀୟ ନୌଜାହାଜ ମାଧ୍ୟମରେ ସହାୟତା ସାମଗ୍ରୀ ମ୍ୟାଁମାରକୁ ପଠାଯାଇଛି ।

ସୂଚନାଯୋଗ୍ୟ ଗତ ଶୁକ୍ରବାର ଦିନ ମ୍ୟାଁମାରରେ ହୋଇଥିବା ଭୂକମ୍ପରେ ମୃତ୍ୟୁସଂଖ୍ୟା ୨ ହଜାର ୫୬କୁ ବୃଦ୍ଧି ପାଇଥିବା ସେଠାକାର ସୁରକ୍ଷା ସଂସ୍ଥା ଅଧିକାରୀ ସୂଚନା ଦେଇଛନ୍ତି । ୩ ହଜାର ୯୦୦ ଜଣ ଆହତ ହୋଇଥିବା ବେଳେ ୨୭୦ ଜଣ ଏବେ ବି ନିଖୋଜ ଥିବା ଜଣାପଡ଼ିଛି । ଏହି ଭୂକମ୍ପର ପ୍ରଭାବ ଥାଇଲ୍ୟାଣ୍ଡ, ଭିଏତନାମ, ଲାଓସ୍ ଏବଂ ଦକ୍ଷିଣ ପଶ୍ଚିମ ଚୀନରେ ଅନୁଭୂତ ହୋଇଥିଲା । ଅନ୍ୟପକ୍ଷରେ

ସେଠାକାର ସରକାର  ଗତକାଲିଠାରୁ ୭ ଦିନ ପାଇଁ ଜାତୀୟ ଶୋକ ପାଳନ କରୁଛନ୍ତି ।

## ଇଏଏମ୍-ନେଦରଲ୍ୟାଣ୍ଡ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ନୂଆଦିଲ୍ଲୀଠାରେ ଗତକାଲି ନେଦରଲ୍ୟାଣ୍ଡସ ପ୍ରତିପକ୍ଷ କାସ୍ପର ଭେଲ୍‌ଡକ୍ୟାମ୍ପଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର ଏ ସଂପର୍କରେ ସୂଚନା ଦେଇ କହିଛନ୍ତି, ଦୁଇ ନେତାଙ୍କ ମଧ୍ୟରେ ବାଣିଜ୍ୟ, ପୁଞ୍ଜି ନିବେଶ, ଉଦ୍ଭାବନ, ଜଳ ସଂରକ୍ଷଣ, କୃଷି, ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ଉଭୟ ଦେଶର ଜନସାଧାରଣଙ୍କ ମଧ୍ୟରେ ସଂପର୍କର ସୁଦୃଢ଼ୀକରଣ ଦିଗରେ ଆଲୋଚନା ହୋଇଛି । ଏଥିସହ ସେମିକଣ୍ଡକ୍ଟର, ସବୁଜ ହାଇଡ୍ରୋଜେନ, ଶିକ୍ଷାକ୍ଷେତ୍ର ଏବଂ ଦକ୍ଷତା ବିକାଶ ନେଇ ସହଭାଗିତାର ନୂତନ ମାର୍ଗ ଉନ୍ମୋଚନ କରିବା ଲକ୍ଷ୍ୟରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ନେଇ ସେ ସୂଚନା ଦେଇଛନ୍ତି । ଦୁଇଦିନିଆ ଭାରତ ଗସ୍ତରେ ଆସି ଶ୍ରୀ ଭେଲ୍‌ଡକ୍ୟାମ୍ପ ଗତ ସନ୍ଧ୍ୟାରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଏହା ତାଙ୍କର ପ୍ରଥମ ଭାରତ ଗସ୍ତ  । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ସାମାଜିକ ଗଣମାଧ୍ୟମ

ପୋଷ୍ଟରେ କହିଛନ୍ତି, ଶ୍ରୀ ଭେଲ୍‌ଡକ୍ୟାମ୍ପଙ୍କ ଏହି ଗସ୍ତ ଭାରତ-ନେଦରଲ୍ୟାଣ୍ଡ୍‌ସ ମଧ୍ୟରେ ବହୁମୁଖୀ ସଂପର୍କକୁ ଅଧିକ ସୁଦୃଢ଼ କରିବ ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିଜୟୀ ହୋଇଛି । ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ଦଳ ୮ ୱିକେଟ୍‌ରେ କୋଲକାତା ନାଇଟ୍ ରାଇଡର୍ସଙ୍କୁ ପରାସ୍ତ କରିଛି । ଟସ୍ ଜିତି ମୁମ୍ବାଇ' କୋଲକାତାକୁ ବ୍ୟାଟିଂ କରିବାକୁ ଆହ୍ୱାନ କରିଥିଲା । କୋଲକାତା ୧୬ ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୧୬ ରନ୍ ସଂଗ୍ରହ କରିଥିଲା । ଅଙ୍ଗକ୍ରିଶ୍ ରଘୁବଂଶୀ ଦଳ ପକ୍ଷରୁ ସର୍ବାଧିକ ୨୬ ରନ୍ ସଂଗ୍ରହ କରିଥିଲେ । ମୁମ୍ବାଇ ଦଳ ପକ୍ଷରୁ ପ୍ରଥମ ଆଇପିଏଲ୍ ମ୍ୟାଚ୍ ଖେଳୁଥିବା ଅଶ୍ୱିନୀ କୁମାର ୪ଟି ୱିକେଟ୍ ଅକ୍ତିଆର କରିଥିଲେ । ୧୧୭ ରନ୍‌ର ବିଜୟ ଲକ୍ଷ୍ୟକୁ ମୁମ୍ବାଇ ଦଳ ୧୨ ଓଭର୍ ୫ଟି ବଲ୍‌ରେ ୨ ୱିକେଟ୍ ବିନିମୟରେ ହାସଲ କରିନେଇଥିଲା । ଦଳ ପକ୍ଷରୁ ର୍ୟାନ୍ ରିକେଲ୍‌ଟନ୍ ଅପରାଜିତ ୬୨ ରନ୍ ସଂଗ୍ରହ କରିଥିଲେ । ଅଶ୍ୱିନୀ କୁମାରଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚନା କରାଯାଇଛି ।

ଆଜି ଲକ୍ଷ୍ନୌ ସୁପରଜ୍ୟାଣ୍ଟ୍ସ ଏବଂ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ମୁକାବିଲା ହେବ । ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ୭ଟାରେ ଖେଳାଯିବ ।